## ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ଶେଷ

**କଣିହାଁ, ୨।୫ (ଡି.ଏନ.ଏ.)**

କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ମଙ୍ଗଳବାର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୦.୮ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ମୋଟ ୧୨ଟି ବୁଥ୍ ହୋଇଥିବା ବେଳେ ସକାଳ



୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଥିଲା। ମୋଟ ୩୪୬୪ ଭୋଟରଙ୍କ ମଧ୍ୟରୁ ୨୭୯୯ ଜଣ ମତଦାନ ସାବ୍ୟସ୍ତ କରିଥିଲେ। ସରପଞ୍ଚ ପଦବୀ ପାଇଁ ଜଳଧର ସାମଲ, ହୃଷିକେଶ ସାମଲ ଓ ବନମାଳୀ ବେହେରା ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ଗୁରୁବାର ଭୋଟ ଗଣନା ହେବ। ନିର୍ବାଚନ ଅଧିକାରୀ ଭାବେ କଣିହାଁ ବିଡିଓ ନିଶାନ ମିଶ୍ର ଓ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ନିର୍ବାଚନ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗତ ତ୍ରିସ୍ତରୀୟ ନିର୍ବାଚନରେ ଫଳାଫଳ ଘୋଷଣା ତ୍ରୁଟିକୁ ନେଇ ମାମଲା କୋର୍ଟକୁ ଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂର୍ବରୁ ଘୋଷିତ ସରପଞ୍ଚ ପଦବୀକୁ ଅସିଦ୍ଧ ଘୋଷଣା କରାଯାଇ ପୁନଃ ଉପନିର୍ବାଚନ କରାଯାଇଛି।

# ନୂତନ ନିର୍ମାଣ ଦିଗରେ ନିଷ୍ଠା ନାହିଁ

**ବଇଣ୍ଡା, ୨।୫ (ପରିକ୍ଷିତ ସାହୁ)**

- ରାଜପଥ ପାଇଁ ଉଚ୍ଛେଦ ହୋଇଥିଲା ସରକାରୀ କାର୍ଯ୍ୟାଳୟ
- ୪ ବର୍ଷ ବିତିଯାଇଥିଲେ ମଧ୍ୟ ନୂଆକରି ଗଢ଼ାଯାଉନାହିଁ
- ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ବଇଣ୍ଡାରେ ଅସନ୍ତୋଷ

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ନିମନ୍ତେ ତରବରିଆ ଉଚ୍ଛେଦ ହେଲା। ଅନୁଗୋଳ ଜିଲା କିଶୋରନଗର ବ୍ଲକର ଜାମୁନାଳିଠାରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ରାସ୍ତା କଡରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ କୋଠା ଭାଙ୍ଗି ଦିଆଗଲା। ହେଲେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏସବୁ କାର୍ଯ୍ୟାଳୟ ନୂଆକରି ନିର୍ମାଣ କରାଯାଉ ନାହିଁ। ପ୍ରଶାସନିକ ଅଧିକାରୀଙ୍କ ନିଷ୍ଠା ଅଭାବରୁ ଭାଙ୍ଗି ଦିଆଯାଇଥିବା ସରକାରୀ କୋଠା ନିର୍ମାଣ ହେଉ ନ ଥିବା ବଇଣ୍ଡାବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

ବଇଣ୍ଡାବାସୀଙ୍କ କହିବା ଅନୁଯାୟୀ, ୫୫ ନମ୍ବର ଜାତୀୟ ରାଜପଥ ୪ ଲେନ୍ ପାଇଁ ବଇଣ୍ଡାଠାରେ ୨୦୧୮ ମେ ୧୭ରୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ସମସ୍ତ କ୍ଷତିପୂରଣ ପଇଠ କରାଯାଇ ନ ଥିବା ସତ୍ତ୍ୱେ ତରବରିଆ ଭାବରେ ପ୍ରଶାସନ ଉଚ୍ଛେଦ କଲା। ବଇଣ୍ଡାରେ ଥିବା ଆର୍‌ଆଇ କାର୍ଯ୍ୟାଳୟ, ପ୍ରାଣୀଧନ ଚିକିତ୍ସାଳୟ, ପୂର୍ତ୍ତ ବିଭାଗ ବଙ୍ଗଳା, କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ, ନୁନୁକାପଶି ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ବଇଣ୍ଡା ଫାଣ୍ଡି, ବଇଣ୍ଡା ଛକରେ ଥିବା ଯାତ୍ରୀ ବିଶ୍ରାମାଗାର, ବଇଣ୍ଡା କଲେଜ ବିଶ୍ରାମାଗାର, ଲୁହାମୁଣ୍ଡା, ଡେବେରାପାଲି, ହଣ୍ଡପା, ବଇସିଣା, ନାକିଚି, ଫୁଲାମ୍ବା, ସରିଗିପାଲି, ଆମ୍ବପାଳ, ବାମୁର ଓ ଜାମୁନାଳି ଯାତ୍ରୀ ବିଶ୍ରାମାଗାର ସହ ବଇସିଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ, ପାଗବନ୍ଧା ପ୍ରାଥମିକ ବିଦ୍ୟାଳୟ ପାଚେରି, ବାମୁର କ୍ଷୁଦ୍ରଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭାଙ୍ଗି ଦିଆଯାଇଥିଲା। ହେଲେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ପୁନଃ ନିର୍ମାଣ କରାଯାଉ ନାହିଁ। କିଛି କାର୍ଯ୍ୟାଳୟ ଭଡ଼ା ଘରେ ଚାଲିଥିବା ବେଳେ ଆଉ କିଛି ଅନ୍ୟ କାର୍ଯ୍ୟାଳୟ ସହିତ



ମିଶାଇ ଖୋଲାଯାଉଛି। କିନ୍ତୁ ଏହାଦ୍ୱାରା ଲୋକଙ୍କ ଅସୁବିଧା ଦୂର ହୋଇପାରୁ ନାହିଁ। ବଇଣ୍ଡା ଠାରେ ପ୍ରାଣୀଧନ ଚିକିତ୍ସାଳୟ ପୁନଃ ନିର୍ମାଣ ହେଉ ନ ଥିବାରୁ ୪ଟି ପଞ୍ଚାୟତର ଚାଷୀ ୭ କିଲୋମିଟର ଦୂର ହଣ୍ଡପା ପ୍ରାଣୀଧନ ଚିକିତ୍ସାଳୟକୁ ନିଜ ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା ପାଇଁ ନେଉଛନ୍ତି। ସେହିପରି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପାଇଁ ୨ କୋଟି ଟଙ୍କା ମଞ୍ଜୁର ହେବା ସହିତ ଜମି ଚିହ୍ନଟ ହୋଇଥିଲେ ମଧ୍ୟ ନିର୍ମାଣରେ ବିଳମ୍ବ ହେଉଛି। ବଇଣ୍ଡା ଫାଣ୍ଡି ପଛରେ ଥିବା ସରକାରୀ ଜମିରେ ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ବଇଣ୍ଡା ଗ୍ରାମବାସୀ ଆଠମଲ୍ଲିକ ବିଧାୟକଙ୍କୁ ୧୫ ଜାନୁୟାରୀ ୨୦୨୧ରେ ଲିଖିତ ଭାବେ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଅନେକ ବିଶ୍ରାମାଗାର ସହ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ କରିବା ଦାୟିତ୍ୱ ଠିକାସଂସ୍ଥା ନେଇଥିବା ବେଳେ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ନିର୍ମାଣରେ ବ୍ୟାପକ ବିଳମ୍ବ ଓ ଅତି ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ବଇଣ୍ଡାଠାରେ ଡ୍ରେନ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବା ଯୋଗୁ ସାମାନ୍ୟ ବର୍ଷା ହେଲେ ରାସ୍ତା ପାର୍ଶ୍ୱରେ ଥିବା ଲୋକଙ୍କ ଘରେ ପାଣି ପଶିଯାଉଛି। ବାମୁର ଓ ବଇଣ୍ଡା ଠାରେ ଓଭରବ୍ରିଜ୍ କାମ ୪୦ ପ୍ରତିଶତ ହୋଇଥିବା ବେଳେ ମନ୍ଥର ଗତିରେ କାମ ହେଉଥିବା ଯୋଗୁ ବ୍ୟବସାୟୀମାନେ ଥଇଥାନ ହେଇପାରୁନାହାନ୍ତି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।

### ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି



ଜାତୀୟ ରାଜପଥ ପାଇଁ ଯାତ୍ରୀ ବିଶ୍ରାମାଗାରଗୁଡ଼ିକ ଭାଙ୍ଗି ଦିଆଯାଇଛି। ହେଲେ ନୂତନ ନିର୍ମାଣ କରିବାରେ ଠିକା ସଂସ୍ଥା ଗୁରୁତ୍ୱ ଦେଉ ନ ଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

-ଅନିରୁଦ୍ଧ ସାହୁ, ଗୁରୁଜାଙ୍ଗ

### ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନି



୫୫ ନମ୍ବର ଜାତୀୟ ରାଜପଥ କଡରୁ ଉଚ୍ଛେଦ କରାଯାଇଥିବା ସରକାରୀ କାର୍ଯାଳୟଗୁଡିକ ନିର୍ମାଣ ପାଇଁ ବହୁବାର ଅଭିଯୋଗ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ।

-ଗରକି ଦେଓ, ନାକିଚି

### ଜିଲା ପ୍ରଶାସନ ପଦକ୍ଷେପ ନେଉ



ଭଙ୍ଗାଯାଇଥିବା ସରକାରୀ କାର୍ଯ୍ୟାଳୟ ପୁନଃ ନିର୍ମାଣ ହେଉନାହିଁ। ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ତୁରନ୍ତ ପ୍ରଶାସନ ପଦକ୍ଷେପ ନେଉ।

-ଜିତେନ୍ଦ୍ର ବେହେରା, ବଇଣ୍ଡା

### ଆଶ୍ରୟସ୍ଥଳ ନ ଥିବାରୁ ଯାତ୍ରୀ ହୀନସ୍ତା



ବାମୁରଠାରୁ ଜାମୁନାଳି ପର୍ଯ୍ୟନ୍ତ ରାସ୍ତା କଡ଼ରେ ଥିବା ଯାତ୍ରୀ ବିଶ୍ରାମାଗାର ଭାଙ୍ଗି ଦିଆଯାଇଛି। ଗଛଗୁଡ଼ିକୁ କାଟି ଦିଆଯାଇଛି। ଫଳରେ ଯାତ୍ରୀମାନେ ଆଶ୍ରୟ ନେଇପାରୁ ନାହାନ୍ତି।

-ନିରାକାର ସାହୁ, ଖଇରମୁଣ୍ଡା

### ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ



ସମସ୍ୟାର ତର୍ଜମା କରାଯାଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ। କାହିଁକି ଭଙ୍ଗାଯାଇଥିବା କାର୍ଯ୍ୟାଳୟର ନୂତନ ନିର୍ମାଣ କରାଯାଉନାହିଁ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ।

-ତରଣୀ ସୁନା, ଆଠମଲ୍ଲିକ ଉପଜିଲାପାଳ

## ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା

**ତାଳଚେର, ୨।୫ (ନି.ପ୍ର.)**

ତାଳଚେରସ୍ଥିତ ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସର ଡେରା ଓଭରବ୍ରିଜ ନିକଟସ୍ଥ ଶ୍ରମିକ ଭବନ ଠାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରମିକମାନଙ୍କ ବିଭିନ୍ନ ଦାବି, ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏମ୍‌ସିଏଲ୍ ତରଫରୁ ୯ଟି ଛୁଟିଦିବସରେ ଶ୍ରମିକମାନଙ୍କୁ ମଜୁରି ଦେବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବାବେଳେ ତାହା ଦିଆଯାଉ ନାହିଁ। ସିଏମ୍‌ପିଏଫ୍ ଅର୍ଥ ଶ୍ରମିକଙ୍କ ଦରମାରୁ କଟା ଯାଉଥିବା ବେଳେ ଠିକାଦାର ଏହାକୁ ଜମା କରୁନାହାନ୍ତି। ରେଳ ୱାଗନଗୁଡ଼ିକରେ କୋଇଲା ପରିବହନ ବେଳେ ପାଲ ଭିଡ଼ା ହେଉ ନ ଥିବା ଯୋଗୁ ବାୟୁ ପ୍ରଦୂଷଣ ହେଉଛି। ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଆଇଏନଟିୟୁସି ଜିଲା ସଭାପତି ଦିଗମ୍ବର ଗଡ଼ନାୟକ, କୋଇଲା ଠିକା ଶ୍ରମିକ କଂଗ୍ରେସ ସଭାପତି ରାଜକିଶୋର ସାହୁ, ବାଉରୀବନ୍ଧୁ ପ୍ରଧାନ, ବିନୋଦ ଲାଲ, ଧର୍ମାନନ୍ଦ ମହାନ୍ତି, ହେମନ୍ତ ବାରିକ, ଶରତ ନାଏକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ସଂଘର ବିଶ୍ୱରଞ୍ଜନ ପାଣି, ପ୍ରହଲ୍ଲାଦ ବେହେରା, ଗୋବିନ୍ଦ ପ୍ରଧାନ, ମଳୟ ରଞ୍ଜନ ମହାରଣା, ପ୍ରଭାତ କୁମାର ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ବୈଠକରେ ଉପସ୍ଥିତ ଶ୍ରମିକ ନେତାମାନେ।

## ଘର ସିଲ୍ କଲା ବ୍ୟାଙ୍କ

**ଋଣ ପରିଶୋଧ କରୁ ନ ଥିଲେ ମହିଳା**

**କଣିହାଁ, ୨।୫ (ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ଅଧୀନ କରଡେଇ ଗ୍ରାମରେ ବୁରୁବାହାଳ ଗ୍ରାମର ଜଳିରାଣୀ ମହାପାତ୍ର କରିଥିବା ଘରକୁ ସୋମବାର ୟୁନିୟନ ବ୍ୟାଙ୍କ ପକ୍ଷରୁ ସିଲ୍ କରାଯାଇଛି। ଜଳିରାଣୀ ୟୁନିୟନ ବ୍ୟାଙ୍କରୁ ଋଣ ନେଇ ଉକ୍ତ ଘର କରି ଭଡ଼ା ସୂତ୍ରରେ ଦେଇଥିଲେ। କିନ୍ତୁ ଋଣ ପରିଶୋଧ କରୁ ନ ଥିବାରୁ ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ ଦିଆଯାଉଥିଲା। ଏହା ସତ୍ତ୍ୱେ ଋଣ ନ ଶୁଝିବାରୁ ବ୍ୟାଙ୍କ ପକ୍ଷରୁ ଉକ୍ତ ଘରକୁ ସିଲ୍ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ କଣିହାଁ ତହସିଲଦାର ଡାନିଏଲ ଏକ୍କା, ଏନ୍‌ଟିପିସି ଥାନା ଆଇଆଇସି ସ୍ମିତାଞ୍ଜଳୀ ପ୍ରଧାନଙ୍କ ସହିତ ପୋଲିସ ଫୋର୍ସ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଉପସ୍ଥିତ ରହିଥିଲେ।

## ସୁନାଖଣି-ଖମାର ରେଳ ସେକ୍ସନ କାର୍ଯ୍ୟ ନିରୀକ୍ଷଣ

**ଭୁବନେଶ୍ୱର, ୨।୫**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ମଙ୍ଗଳବାର ତାଳଚେର ଅଞ୍ଚଳ ପରିଦର୍ଶନ କରି ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପର ସୁନାଖଣି-ଖମାର ରେଳ ସେକ୍ସନ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟ ଉପସ୍ଥିତ ଥିଲେ।

ଏହି ନିରୀକ୍ଷଣ ଅବସରରେ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିବା ସହିତ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତି ନିଶ୍ଚିତ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ,



ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସହ ଅନ୍ୟ ଅଧିକାରୀମାନେ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି।

ତାଳଚେର ଏବଂ ସୁନାଖଣି ମଧ୍ୟରେ ୧୭.୬୨ କି.ମି. ରେଳ ଲାଇନ ନିର୍ମାଣ ଶେଷ ହୋଇଛି। ସେହିପରି ସୁନାଖଣି-ସମଲ-ପରାବିଲ ମଧ୍ୟରେ ୧୬.୩୧ କି.ମି. ରେଳ ଲାଇନ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବାକୁ ଯାଉଛି। ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ଜମି ସମ୍ବନ୍ଧୀୟ ଅନେକ ବିବାଦ ଅଦାଲତରେ ଥିବାରୁ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିଲା। ହେଲେ ବର୍ତ୍ତମାନ ଜମି ହସ୍ତାନ୍ତର ପ୍ରକ୍ରିୟା ସ୍ପଷ୍ଟ ହେବା ପରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏହି ଅବସରରେ ରେଳପଥ ମହାପ୍ରବନ୍ଧକ ତାଳଚେର ରେଳ ସାଇଡିଙ୍ଗ ନିରୀକ୍ଷଣ କରିବା ସହ ଟ୍ରାଫିକ ଓ ଟ୍ରେନ ଯାତାୟାତ ସୁବିଧାର ସମୀକ୍ଷା କରିଥିଲେ।

## ଗାଁ ମୁଣ୍ଡରୁ ଫେରିଲା ବର

**କଣିହାଁ, ୨।୫ (ଡି.ଏନ.ଏ.)**

**ବିବାହ ପୂର୍ବରୁ କନ୍ୟା ଫେରାର**

କନ୍ୟା ଘର ଗାଁ ମୁଣ୍ଡରେ ପହଞ୍ଚି ଯାଇଥିଲେ ବରପକ୍ଷ। ବିବାହ ଶୋଭାଯାତ୍ରା ମଧ୍ୟ ଆରମ୍ଭ ହୋଇଯାଇଥିଲା। ବାଜା, ବାଣରେ ଗାଁ କମ୍ପୁଥିବାବେଳେ ନାଚି ନାଚି ଯାଉଥିଲେ ବରଯାତ୍ରୀ। ହେଲେ ହଠାତ୍ ବାଜା ସହ ନାଚ, ଗୀତ ବନ୍ଦ ହୋଇଯାଇଥିଲା। ଖୁସିର ପରିବେଶ ନିରାଶାରେ ପରିଣତ ହୋଇଥିଲା। ଅନ୍ୟ କାହା ସହ କନ୍ୟା ଫେରାର ହୋଇଯାଇଥିବାରୁ ଗାଁ ମୁଣ୍ଡରୁ ବରକୁ ଫେରିବାକୁ ପଡ଼ିଥିଲା। ଅନୁଗୋଳ ଜିଲା କଣିହାଁ ଥାନା ଅଞ୍ଚଳରେ ମଙ୍ଗଳବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଛେଣ୍ଡିପଦା ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କ ବିବାହ ଅନୁଗୋଳ ଜିଲା କଣିହାଁ ଥାନା ଅଞ୍ଚଳରେ ଠିକ୍ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ମଧ୍ୟାହ୍ନ ବେଳକୁ ବର ଓ ବରଯାତ୍ରୀ କନ୍ୟା ଘର ଗାଁ ନିକଟରେ ପହଞ୍ଚି ଯାଇଥିଲେ। ଶୋଭାଯାତ୍ରାରେ ବରଯାତ୍ରୀମାନେ ଆଗେଇ ଚାଲିଥିବା ବେଳେ କନ୍ୟା ଘର ପକ୍ଷ ମଧ୍ୟ ବରଣି ପାଇଁ ଅପେକ୍ଷା କରି ରହିଥିଲେ। ଏପରି କି କନ୍ୟା ଘର ଗାଁ ଲୋକେ ଭୋଜି ମଧ୍ୟ ଖାଉଥିଲେ। ହେଲେ ଅନ୍ୟ ଜଣେ ଯୁବକଙ୍କ ସହ କଲେଜ ପଢୁଆ କନ୍ୟା ଫେରାର ହୋଇଥିବା ଜଣାପଡ଼ିବା ପରେ ଉଭୟ କନ୍ୟା ଓ ବରପକ୍ଷ ନିରାଶ ହୋଇଥିଲେ। କନ୍ୟା ଘର ଅଭିମୁଖେ ଆଗେଇ ଚାଲିଥିବା ଶୋଭାଯାତ୍ରା ଅଧାବାଟରୁ ବର ସହ ଫେରିଯାଇଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ବରପକ୍ଷ ତୁରନ୍ତ ଅନ୍ୟତ୍ର ବିବାହ ଠିକ୍ କରି ବିବାହ କାର୍ଯ୍ୟ ସମ୍ପନ୍ନ କରାଇଥିବା ସୂଚନା ମିଳିଛି।

## ପାଇକସାହିରେ ମଡେଲ ସ୍କୁଲ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବଇଣ୍ଡା, ୨।୫ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପାଇକସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ମଡେଲ ସ୍କୁଲ ଉଦ୍‌ଘାଟିତ ହୋଇଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରମାନେ ପାଠପଢା ସହ କମ୍ପ୍ୟୁଟରୀକରଣ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି କହିଥିଲେ। କିଶୋରନଗର ସିଟି ସ୍କୁଲ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଆଠମଲ୍ଲିକ ବିଇଓ ଦାଶରଥି ଶୁଣ୍ଡି, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ, ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ, ସମିତିସଭ୍ୟ ମୋହନ ଭୋଇ, ଟାପଡୋଲ ସରପଞ୍ଚ ଚନ୍ଦ୍ରମଣି ସାହୁ, ପାଇକସାହି ହାଇସ୍କୁଲ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ, ଆଠମଲ୍ଲିକ ବିଆର୍‌ସିସି ଛବିନାରାୟଣ ସିଂ, ଶିକ୍ଷକ ଜୟକୃଷ୍ଣ ପ୍ରଧାନ, ନାରାୟଣ ଗଡନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯକ୍ରମକୁ ସିଆର୍‌ସିସି ନୃସିଂହ ଚରଣ ନାୟକ ପରିଚାଳନା କରିଥିଲେ।

## ଚାରାର ଯତ୍ନ ନେବାକୁ ପରାମର୍ଶ

**ବଇଣ୍ଡା, ୨।୫ (ଡି.ଏନ.ଏ.)**

ପରିବେଶ ସନ୍ତୁଳନ ପାଇଁ ଚାରା ରୋପଣର ଆବଶ୍ୟକତା ରହିଛି। ଯେଉଁମାନେ ଚାରା ରୋପଣ କରୁଛନ୍ତି ସେମାନେ ତାହାକୁ ବଞ୍ଚାଇ ରଖିବା ଦିଗରେ ଯତ୍ନବାନ ହେବା ଦରକାର। ପ୍ରତ୍ୟେକ ଚାରାର ଯତ୍ନ ନେଲେ ବୃକ୍ଷ ସଂଖ୍ୟା ବୃଦ୍ଧି ପାଇବା ସହ ପରିବେଶ ସନ୍ତୁଳନ ରହିବ ବୋଲି ମଙ୍ଗଳବାର ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ କଲେଜ ପରିସରରେ ୟୁଥ୍ ରେଡ୍‌କ୍ରସ୍ ପକ୍ଷରୁ ଚାରା ସୁରକ୍ଷା ଉପରେ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏହି କର୍ମଶାଳାକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରତିମା ବାଘ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସରୋଜ ରଞ୍ଜନ ପ୍ରଧାନ, ସରୋଜ ଦାସ, ଅଧ୍ୟାପିକା ଡ. କଲ୍ୟାଣୀରୂପା ମିଶ୍ର, ରତ୍ନାକର ସାହୁ, ସପନେଶ୍ୱର ପ୍ରଧାନ, ମନୋରଞ୍ଜନ ବାରିକ, ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଥିବା ସମସ୍ତ ଗଛର ଆବଶ୍ୟକ ଯତ୍ନ ନିଆଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

## ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଉପରେ ଗୁରୁତ୍ୱ

**କଣିହାଁ, ୨।୫ (ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଶ୍ରମିକ ସଙ୍ଗଠନ ପକ୍ଷରୁ ସୋମବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଂଘ ସାଧାରଣ ସମ୍ପାଦକ ବିରେଶ ଚନ୍ଦ୍ର ପତି ଶ୍ରମିକ ପତାକା ଉତ୍ତୋଳନ କରିଥିଲେ। ସନ୍ଧ୍ୟାରେ ସଂଘ ସଭାପତିଙ୍କ ସଭାତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଓଏଚ୍‌ପିସିର ବରିଷ୍ଠ ସାଧାରଣ ପରିଚାଳକ (ସିନିୟର୍ ଜେନେରାଲ ମ୍ୟାନେଜର) ରୁଦ୍ର ମୋହନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାନେଜମେଣ୍ଟ ଓ ଶ୍ରମିକ, କର୍ମଚାରୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ରହିଲେ ସାମଗ୍ରୀକ ବିକାଶ ସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାଧାରଣ ପରିଚାଳକ (ଜେନେରାଲ ମ୍ୟାନେଜର) ରଞ୍ଜନ କୁମାର ପରିଡ଼ା ଯୋଗଦେଇ ସମସ୍ତ ଶ୍ରମିକ, କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶ୍ରମିକ ନେତା ଜଗବନ୍ଧୁ ଶତପଥୀ, ସନ୍ତୋଷ ପ୍ରଧାନ, ଅଭିମନ୍ୟୁ ଦାଶ, ସେବକ ପ୍ରଧାନ, କୁମର ସାହୁ, ଗୋପବନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରମିକ, କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀ, ସଙ୍ଗଠନ କାର୍ଯ୍ୟକର୍ତ୍ତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ସୀମାଞ୍ଚଳ ସାବତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୃଷ୍ଣଚନ୍ଦ୍ର ସାହୁ, ତ୍ରିନାଥ ମହାପାତ୍ର, ସୁଧାକର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ସମସ୍ତ ଶ୍ରମିକ, କର୍ମଚାରୀ ଯୋଗ ଦେଇଥିଲେ।



ସଭାରେ ଉପସ୍ଥିତ ଅତିଥିମାନେ।

## ଚୋରି ସାମଗ୍ରୀ ଜବତ, ୪ ଗିରଫ

**ବଇଣ୍ଡା, ୨।୫ (ଡି.ଏନ.ଏ.)**

କିଶୋରନଗର ଥାନା ଜଏରାଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ତାଲା ଭାଙ୍ଗି ଅନେକ ସାମଗ୍ରୀ ଚୋରି ହୋଇଥିବା ବେଳେ ସୋମବାର ପୋଲିସ ରେଢାଖୋଲ ଥାନା ଅଞ୍ଚଳରୁ ଚୋରିସାମଗ୍ରୀଗୁଡ଼ିକ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ କିଶୋରନଗର ଥାନା ଅଞ୍ଚଳର ୨ଜଣ ନାବାଳକଙ୍କ ସମେତ ଦେବାଦୀପଡା ଅଞ୍ଚଳର ଚୈତନ୍ୟ ସାହୁ, ରେଢାଖୋଲ ଥାନା ବିଶ୍ୱନାଥପୁର ଗ୍ରାମର ରାଜେନ୍ଦ୍ର ସୁନାଙ୍କୁ ଗିରଫ କରିଛି। ରାଜେନ୍ଦ୍ରଙ୍କ ଘରୁ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଉଦ୍ଧାର କରାଯାଇଛି। ପୋଲିସ କହିଛି, ସମ୍ପୃକ୍ତ ୨ ଜଣ ନାବାଳକ ଏପ୍ରିଲ ୨୧ ବିଳମ୍ବିତ ରାତିରେ ବିଦ୍ୟାଳୟର ତାଲା ଭାଙ୍ଗି କରି ନେଇଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୮୬/୨୩ ରେ ଏକ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଛି।

## ତହସିଲ କାର୍ଯ୍ୟାଳୟ ଘେରାଉ

**ଛେଣ୍ଡିପଦା, ୨।୫ (ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ସଦର ମକୁମା ଡାକ୍ତରଖାନାକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରିବା ଦାବିରେ ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟକୁ ସୋମବାର ଘେରାଉ କରାଯାଇଛି। ପ୍ରାୟ ୨ ହଜାରରୁ ଅଧିକ ମହିଳା ଏକ ବିରାଟ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ହସ୍ପିଟାଲ ଉପରେ ଛେଣ୍ଡିପଦା ବ୍ଲକ ଓ ଆଖ ପାଖ ପ୍ରାୟ ୧୦୦ ଗାଁ ନିର୍ଭର କରୁଥିବାବେଳେ ଆମ ହସ୍ପିଟାଲ ଯୋଜନାରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ତର୍ଭୁକ୍ତ କରା ନ ଯାଇ ଅନ୍ୟ ହସ୍ପିଟାଲକୁ ସାମିଲ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ଛେଣ୍ଡିପଦା ୭ ମୌଜାର ସଭାପତି ଚନ୍ଦ୍ରମଣି ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ୧୩ ଦିନ ଧରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏକ ବିରାଟ ଶୋଭାଯାତ୍ରାରେ ମହିଳାମାନେ ଆସି ଛେଣ୍ଡିପଦା ବଜାର ପରିକ୍ରମା କରିବା ପରେ ତହସିଲ ଅଫିସ ଘେରାଉ କରିଥିଲେ। ଏହି ସମୟରେ ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ଉପୁଜିବା ସହିତ ତହସିଲ କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ପରେ ବିଡିଓ ତ୍ରିବିକ୍ରମ କୁମରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୫ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ମହିଳାମାନେ ଜୋରଦାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ।



ମହିଳାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ନାବାଳିକା ଅପହରଣ ମାମଲାରେ ୫ ଗିରଫ**

**ଛେଣ୍ଡିପଦା,(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନାରେ ରୁଜୁ ହୋଇଥିବା ଏକ ନାବାଳିକା ଅପହରଣ ମାମଲା ନଂ. ୬୭/୨୩ରେ ଏସ୍ଆଇ ପରମାନନ୍ଦ ନାୟକ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଛେଣ୍ଡିପଦା ଥାନା କୁକୁରପେଟା ଗ୍ରାମର ଲକିରଞ୍ଜନ ସାହୁ ଓ ଅନୀଲ ସାହୁ, ଟାକୁଆ ଗ୍ରାମର ଅଭିରାମ ସାହୁ, ଖମାର ଥାନା କୁଞ୍ଜାମ ଗ୍ରାମର ସୁବାସ ଚନ୍ଦ୍ର ସାହୁ ଓ ଦେବଗଡ ଜିଲା ବାରକୋଟ ଥାନା ପୁରୁଣାପାଣି ଗ୍ରାମର ବିଜୟ କୁମାର ପ୍ରଧାନ।

## ବଳାତ୍କାର ଅଭିଯୁକ୍ତ ଗିରଫ

**ବଣ୍ଡା, ୨।୫ (ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ହଣ୍ଡପା ଥାନା ହିଞ୍ଚିରିଡା ଜଙ୍ଗଲରେ ବଳାତ୍କାର କରାଯାଇଥିବା ସୋମବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ହଣ୍ଡପା ଆଇଆଇସି ନମିତା ନାୟକ ନମ୍ବର ୧୦୬/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସନୁଜ୍ୟ ନାୟକଙ୍କୁ ଗିରଫ କରିଛନ୍ତି। ପୋଲିସ କହିଛି, ନାବାଳିକା ଛାତ୍ରୀ ଜଣକ ଛେଣ୍ଡିପଦା ଥାନା ଅଞ୍ଚଳର ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ। ସେଠାରୁ ସେ ସନୁଜ୍ୟଙ୍କ ସହ ଏକ ବାଇକ୍‌ରେ ଘରକୁ ଆସୁଥିବା ବେଳେ ସନୁଜ୍ୟ ହିଞ୍ଚିରିଡା ଜଙ୍ଗଲରେ ତାଙ୍କୁ ବଳାତ୍କାର କରିଥିଲେ। କାହାକୁ କହିଲେ ଜୀବନରୁ ମାରିଦେବାକୁ ଅଭିଯୁକ୍ତ ଧମକ ଦେଇଥିଲେ। ତେବେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପରେ ଛାତ୍ରୀଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇଥିବା ପୋଲିସ ପ୍ରକାଶ କରିଛି।

## ଫେକ୍ ଆଇଡି ଖୋଲି ଯୁବକ ଗିରଫ

**ଅନୁଗୋଳ ଅଫିସ, ୨।୫:** ଅନୁଗୋଳ ଜିଲା ଗୋପାଳପ୍ରସାଦ ଥାନା ପଦ୍ମବତୀପୁର ଗ୍ରାମର ରକିଦେବ ବିଶ୍ୱାଳ(୨୪)ଙ୍କୁ ସାଇବର ଥାନା ପୋଲିସ ଗିରଫ କରିଛି। ସେ ସୋସିଆଲ ମିଡିଆରେ ଜଣେ ମହିଳାଙ୍କ ନାମରେ ଫେକ୍ ଆଇଡି ଖୋଲି ଅଶ୍ଳୀଳ ଭିଡିଓ ଓ ଫଟୋ ଛାଡୁଥିବା ନେଇ ଗୋପାଳପ୍ରସାଦ ଥାନା ଅଞ୍ଚଳର ଜଣେ ବିବାହିତ ମହିଳା ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୬/୨୩ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ମହିଳା ମୃତ, ଉତ୍ତେଜନା

- ରାସ୍ତା ଅବରୋଧ କଲେ ଉତ୍ୟକ୍ତ ଲୋକେ
- ଆମ୍ବୁଲାନ୍ସ ନ ଆସିବାରୁ ଘଣ୍ଟାଏ ପଡ଼ିରହିଲା ମୃତଦେହ


ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

**ଅନୁଗୋଳ ଅଫିସ, ୨।୫**

ଅନୁଗୋଳ ସହର ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ସୋମବାର ଏକ ଟ୍ରକ୍ ସ୍କୁଟିକୁ ଧକ୍କା ଦେବାରୁ ଜଣେ ମହିଳାଙ୍କ ଜୀବନ ଯାଇଛି। ମୃତ ମହିଳା ହେଲେ ଢେଙ୍କାନାଳ ଜିଲା କାଣ୍ଡବିନ୍ଧା ଅଞ୍ଚଳର ଉର୍ମିଳା ରାଉତ(୪୦)। ଦୁର୍ଘଟଣାରେ ତାଙ୍କ ସ୍ୱାମୀ ଗଣେଶ ପ୍ରସାଦ ରାଉତ ସାମାନ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚିଥିଲେ ମଧ୍ୟ ମୃତଦେହ ମେଡିକାଲ ନେବାକୁ ଆମ୍ବୁଲାନ୍ସ ମିଳି ନ ଥିଲା। ଫଳରେ ଘଣ୍ଟାଏ ଧରି ମୃତଦେହ ରାସ୍ତା ଉପରେ ପଡ଼ିରହିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ବଢ଼ିଥିଲା।

ପ୍ରକାଶ ଯେ, ବୁଢ଼ୀ ଠାକୁରାଣୀ ଛକରେ ଗଣେଶ ପ୍ରସାଦଙ୍କ ଏକ ପୂଜା ସାମଗ୍ରୀ ଦୋକାନ ରହିଛି। ସେ ସୋମବାର ସକାଳେ ଅନୁଗୋଳ କଲେଜ ଛକ ମଇଳା ପଡ଼ିଆସ୍ଥିତ ଘରୁ ସ୍କୁଟି (ନଂ. ଓଡି ୧୯-୭୮୧୧)ରେ ସ୍ତ୍ରୀ ଉର୍ମିଳାଙ୍କୁ ନେଇ ଦୋକାନ ଖୋଲିବାକୁ ଆସୁଥିଲେ। ଏହି ସମୟରେ ଦଶହରା ପଡ଼ିଆ ସମ୍ମୁଖରେ ତାଙ୍କୁ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉର୍ମିଳାଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଆୟତ୍ତକୁ ଆସିଥିଲା। ହେଲେ ମୃତଦେହ ମେଡିକାଲ ନେବାକୁ ଅନୁଗୋଳ ପୋଲିସକୁ ଆମ୍ବୁଲାନ୍ସ ମିଳି ନ ଥିଲା। ସରକାରୀ ଆମ୍ବୁଲାନ୍ସ ରୋଗୀ ନେଇ ଅନ୍ୟତ୍ର ଯାଇଥିବାବେଳେ ଘରୋଇ ଆମ୍ବୁଲାନ୍ସ ଧର୍ମଘଟ ପାଇଁ ଆସି ନ ପାରିବାରୁ ପ୍ରାୟ ଏକ ଘଣ୍ଟା ଧରି ମୃତଦେହ ରାସ୍ତାରେ ପଡ଼ି ରହିଥିଲା। ଏକ ଘରୋଇ ଆମ୍ବୁଲାନ୍ସର ଡ୍ରାଇଭର କହିଛନ୍ତି, ମେଡିକାଲ ପଛ ପାର୍ଶ୍ୱରେ ଘରୋଇ ଆମ୍ବୁଲାନ୍ସ ରହୁଥିବା ସ୍ଥାନରୁ ପୌରପାଳିକା ସେମାନଙ୍କୁ ହଟାଇ ଦେଇଛି। ତେଣୁ ସ୍ଥାୟୀ ଜାଗା ନ ଯୋଗାଇବା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଗଡ଼ିବ ନାହିଁ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୋଲିସ, ମେଡିକାଲ କର୍ତ୍ତୃପକ୍ଷ ଓ ପ୍ରଶାସନକୁ ସମ୍ପୂର୍ଣ୍ଣ ଭାବେ ଅସହଯୋଗ କରାଯିବ। ତେବେ ଜରୁରୀ ସେବାରେ ରହୁଥିଲେ ବି ସଂଘର ଏଭଳି ମନୋଭାବକୁ ସାଧାରଣରେ ନାପସନ୍ଦ କରାଯାଇଛି। ଘଟଣା ସମ୍ପର୍କରେ ଘରୋଇ ଆମ୍ବୁଲାନ୍ସର ଜଣେ ମାଲିକ କହିଛନ୍ତି, ଡ୍ରାଇଭର ବିଭିନ୍ନ ଆଳ ଦେଖାଇ ରୋଗୀଙ୍କୁ ନେବାକୁ ମନା କରିଦେଉଛନ୍ତି। କେତେଜଣ ଖଳ ପ୍ରକୃତିର ଲୋକଙ୍କ ଯୋଗୁ ଏଭଳି ହେଉଛି। ତେବେ ଘଟଣା ସମ୍ପର୍କରେ ଅନୁଗୋଳ ପୋଲିସ କହିଛି, ମୃତଦେହ ପଡ଼ିଥିବା ସମୟରେ ଘରୋଇ ଆମ୍ବୁଲାନ୍ସ ପକ୍ଷରୁ ସହଯୋଗ ମିଳି ନ ଥିଲା। ତେଣୁ ସରକାରୀ ଆମ୍ବୁଲାନ୍ସକୁ ଅପେକ୍ଷା କରାଯାଇଥିଲା। ଫଳରେ ମୃତଦେହ ଉଠାଇବାରେ ଘଣ୍ଟାଏ ବିଳମ୍ବ ହୋଇଥିଲା।

# ମେଶିନରେ କାମ କରି ଟଙ୍କା ହଡ଼ପ

- ନଡିଆଳୀ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି
- ଲୋକପାଳଙ୍କ ନିକଟରେ ଅଭିଯୋଗ କଲେ ପୂର୍ବତନ ସରପଞ୍ଚ

**ଢେଙ୍କାନାଳ ଅଫିସ, ୨।୫**

ଢେଙ୍କାନାଳ ସଦର ବ୍ଲକ ନଡ଼ିଆଳୀ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଦୁର୍ନୀତି ହୋଇଥିବା ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ ଅଭିଯୋଗ କରିଛନ୍ତି। ଶ୍ରମିକଙ୍କ ବଦଳରେ ମେଶିନରେ କାମ କରି ଟଙ୍କା ହଡ଼ପ କରାଯାଇଛି। ଜିଲା ପରିଷଦ ପିଆଇଓଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରେ ତାଳମେଳ ରହୁନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପୂର୍ବତନ ସରପଞ୍ଚ ସାହୁ ଲୋକପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅଭିଯୋଗରେ ଜଣାପଡ଼ିଛି, ପଞ୍ଚାୟତର କାଞ୍ଚନଧୋଡ଼-ସାନବନ୍ଧ, ସାନବନ୍ଧ-ମୂଳିଆବନ୍ଧ ରାସ୍ତା, ଦଳକ ଗ୍ରାମ ଖେଳପଡିଆ ଉନ୍ନତୀକରଣ, ହାତୀ ଉପଦ୍ରବ ଅଞ୍ଚଳରେ ଟ୍ରେଞ୍ଚ୍ ନିର୍ମାଣ ଆଦି କାର୍ଯ୍ୟକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯିବାକୁ ଯୋଜନା କରାଯାଇଥିଲା। ଏସବୁ ପ୍ରକଳ୍ପରେ ମିଛ ଶ୍ରମିକଙ୍କ ନାମରେ ମଷ୍ଟରରୋଲ୍ କରାଯାଇ ଟଙ୍କା ଦିଆଯାଇଛି। କେତେଜଣ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଅସାଧୁ ଉପାୟରେ ମେଶିନରେ କାମକରି ଶ୍ରମିକଙ୍କ ପ୍ରାପ୍ୟ ହଡ଼ପ କରିଛନ୍ତି। କେତେକ ସ୍ଥାନରେ ଜମା କାମ କରା ନ ଯାଇ ଟଙ୍କା ଉଠାଯାଇଛି। କାମରେ ହୋଇଥିବା ଅନିୟମିତତାର ଫଟୋ ଓ ଭିଡିଓ ଗ୍ରାମବାସୀ ଉଠାଇ ରଖିଛନ୍ତି। ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ସମ୍ପର୍କରେ ସେ ୨୦୨୨ ସେପ୍ଟେମ୍ବର ୨୧, ୨୦୨୩ ଜାନୁୟାରୀ ୨୪ରେ ଜିଲା ପରିଷଦ ପିଆଇଓଙ୍କୁ ଆରଟିଆଇ ମାଧ୍ୟମରେ ତଥ୍ୟ ମାଗିଥିଲେ। ହେଲେ ଦୁର୍ନୀତିର ତଦନ୍ତ ଚାଲିଛି ଏବଂ ଫାଇନାଲ ଅର୍ଡର କରାଯାଇ ନ ଥିବା ପ୍ରଦାନ ତଥ୍ୟରେ ଦର୍ଶାଯାଇଥିଲା। ଫାଇନାଲ ଅର୍ଡର କେବେ ହେବ ଜାଣିବା ପାଇଁ ଚାହିଁବାରୁ ବିଭାଗୀୟ ଅଧିକାରୀ ସହଯୋଗ କରି ନ ଥିଲେ। ଗତ ୨୦୨୨ ଡିସେମ୍ବର ୧୩ରେ ଅଭିଯୋଗର ତଦନ୍ତ ଲୋକପାଳ କରିଥିଲେ। ଏହାପରେ ଅଭିଯୋଗ ଆସିଥିବା ପ୍ରକଳ୍ପ କାମ ବନ୍ଦ ରହିଥିବା ସୂଚନା ଦିଆଯାଇଛି। ହେଲେ ଦୁର୍ନୀତି ବିରୋଧରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ତାହା ଜଣାପଡୁନାହିଁ। ଏହାର ତଦନ୍ତ କରି ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜୟ ଲୋକପାଳଙ୍କ ନିକଟରେ ଦାବି କରିଛନ୍ତି।

# ଟ୍ରେନ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

- ମୃତଦେହ ଆଣିବାରେ ସହଯୋଗ କଲା ଛେଣ୍ଡିପଦା ବିକାଶ ସମିତି

**ଛେଣ୍ଡିପଦା, ୨।୫ (ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଛେଣ୍ଡିପଦା ଗ୍ରାମ ପ୍ରଧାନ ସାହିର ଶତ୍ରୁଘ୍ନ ସାହୁଙ୍କ ବଡ଼ ପୁଅ ସଞ୍ଜୟ କୁମାର ସାହୁଙ୍କ ଖଡ଼ଗପୁରରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତେବେ ଏତେ ଦୂରରୁ ମୃତଦେହ ଆଣିବାକୁ ପରିବାର ଲୋକେ ଅକ୍ଷମ ହେବାରୁ ଛେଣ୍ଡିପଦା ବିକାଶ ସମିତି ପକ୍ଷରୁ ସହଯୋଗ କରାଯାଇଥିଲା। ଫଳରେ ଖଡ଼ଗପୁରରୁ ମୃତଦେହ ଅଣାଯାଇ ଗତ ୧ ତାରିଖରେ ଗାଁ ଶ୍ମଶାନରେ ଦାହ କରାଯାଇଥିଲା।

ସୂଚନା ଅନୁଯାୟୀ, ଖଡ଼ଗପୁରର ଏକ ପ୍ରାଇଭେଟ କମ୍ପାନୀରେ କାମ କରିବା ପାଇଁ ସଞ୍ଜୟ ସେଠାକୁ ଯାଇଥିଲେ। ହେଲେ ଘରୁ ଯିବାର ଦିନକ ପରେ ପରିବାର ଲୋକେ ତାଙ୍କ ସହ ଯୋଗାଯୋଗ କରିପାରି ନ ଥିଲେ। ଖବରପାଇ ସମିତି କର୍ମକର୍ତ୍ତାମାନେ ପହଞ୍ଚି ପରିବାର ଲୋକଙ୍କ ସହ ଥାନାକୁ ଯାଇଥିଲେ। ହେଲେ ସେଠାରେ ସଞ୍ଜୟଙ୍କ ମୃତ୍ୟୁ ନେଇ ସୂଚନା ମିଳିଥିଲା। ବିକାଶ ସମିତିର କର୍ମକର୍ତ୍ତାମାନେ ମୃତକଙ୍କ ଭାଇ ଓ ମାମୁଙ୍କୁ ନେଇ ଆମ୍ବୁଲାନ୍ସରେ ଖଡ଼ଗପୁର ଯାଇଥିଲେ। ସେଠାରୁ ମୃତଦେହ ଧରି ଗତ ୧ ତାରିଖ ରାତିରେ ଛେଣ୍ଡିପଦାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ସଞ୍ଜୟଙ୍କ ମୃତଦେହ ଦାହ କରାଯାଇଥିଲା।

# ଶ୍ରମିକଙ୍କ ପ୍ରତି ସମାଜ ସର୍ବଦା ଋଣୀ



ଶ୍ରମିକ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ ଅଫିସ, ୨।୫**

ଅନୁଗୋଳ ବଡକେରା ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅନୁଗୋଳର ଅଧ୍ୟକ୍ଷ ପ୍ରଣବ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଶ୍ରମିକମାନେ ହେଉଛନ୍ତି ସମାଜର ବିଶ୍ୱକର୍ମା। ତାଙ୍କ ବିନା ସୃଷ୍ଟିର ରଚନା ଅସମ୍ଭବ। ଏଣୁ ସେମାନଙ୍କ ପ୍ରତି ସମାଜ ସଦାସର୍ବଦା ଋଣୀ। ଏତଦ୍‌ବ୍ୟତୀତ ଶ୍ରମିକଙ୍କ ନିମନ୍ତେ ଉଦିଷ୍ଟ ଯୋଜନା ଓ ଆଇନ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ନିଃଶୁଳ୍କ ଆଇନ ସେବା ଯୋଗାଇ ଦେବାରେ ଭୂମିକା ସମ୍ପର୍କରେ ମଧ୍ୟ ମତବ୍ୟକ୍ତ କରିଥିଲେ। ଏହି ଦିବସରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଅନୁପ ରଞ୍ଜନ ପଟ୍ଟନାୟକ, ଫ୍ୟାମିଲି ଜଜ୍ ସଦାଶିବ ଜେନା, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ରୁଦ୍ରପ୍ରସାଦ ମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ଶୁଭଲକ୍ଷ୍ମୀ ପଟ୍ଟନାୟକ ଓ ସିଲଭ ସାବଡ଼ ଜେନା, ବଡକେରା ସରପଞ୍ଚ ହାଡିବନ୍ଧୁ ବେହେରା, ପଞ୍ଚାୟତର ଅନ୍ୟ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ଏସ୍. ଶୁଭଲକ୍ଷ୍ମୀ ପରିଚାଳନା କରିଥିଲେ।

# ସୌଭାଗ୍ୟ ପ୍ରଧାନଙ୍କୁ ବିଜୁ ଶ୍ରମିକ ବନ୍ଧୁ ସମ୍ମାନ


କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଶ୍ରମିକ ନେତା।

- ମିଳିଥିବା ଅର୍ଥକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କଲେ

**ତାଳଚେର, ୨।୫ (ନି.ପ୍ର.)**

ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ତାଳଚେରର ବରିଷ୍ଠ ଶ୍ରମିକନେତା ସୌଭାଗ୍ୟ ପ୍ରଧାନଙ୍କୁ 'ବିଜୁ ଶ୍ରମିକ ବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ଏକ ସମାବେଶରେ ପ୍ରଧାନଙ୍କୁ ମାନପତ୍ର, ଉତ୍ତରୀୟ, ଓ ୫୦ ହଜାର ଟଙ୍କା ସହ ୨୦୨୩ ବର୍ଷ ନିମନ୍ତେ ବିଜୁ ଶ୍ରମିକ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଉକ୍ତ ପୁରସ୍କାର ରାଶିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରି ଦେଇଥିଲେ। ବିଜୁ ଶ୍ରମିକ ବନ୍ଧୁ ସମ୍ମାନ ମିଳିଥିବାରୁ ବରିଷ୍ଠ ଶ୍ରମିକ ନେତା ପ୍ରଧାନଙ୍କୁ ତାଳଚେର ଓ ଅନୁଗୋଳର ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀମହଲରୁ ଶୁଭେଚ୍ଛା ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରଧାନ ୨୦୧୨ରୁ ଓଡ଼ିଶା କଲିୟରୀ ମଜଦୁର ସଂଘର ସାଧାରଣ ସମ୍ପାଦକ, ୨୦୦୩ ମସିହାରୁ ଏମ୍‌ସିଏଲ୍‌ର ସଂଯୁକ୍ତ ପରାମର୍ଶ କମିଟି କାର୍ଯ୍ୟକାରୀ ସଦସ୍ୟ ତଥା ଖଣି ସୁରକ୍ଷା ପରାମର୍ଶ କମିଟିର ବରିଷ୍ଠ ସଦସ୍ୟ ଭାବରେ କାର୍ଯ୍ୟ କରୁଛନ୍ତି।

# ଗାନ୍ଧୀଙ୍କ ଆଗମନ ଦିବସ ପାଳନ ହେବ


ଆଲୋଚନା ସଭାରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୨।୫**

ମହାତ୍ମା ଗାନ୍ଧୀଙ୍କ ଅନୁଗୋଳ ଆଗମନର ୯୦ତମ ବାର୍ଷିକ ସମାରୋହ ପାଳନ ପାଇଁ ପ୍ରଧାପକ ବିଶ୍ୱରଞ୍ଜନ ପ୍ରଧାନଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡା ଗ୍ରାମର ହନୁମାନ ଛକ ଗୋଷ୍ଠୀ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାଜ କିଶୋର ଦାସ ସଭାପତିତ୍ୱ କରିଥିଲେ। ଉପ ସଭାପତି ରମେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ତ୍ରେତାନନ୍ଦ ସାମନ୍ତ, ଅରୁଣ ଦାସ, ବସନ୍ତ କୁମାର ଦାସ, ଦାମୋଦର ଦାସ, ଧ୍ରୁବ ଚରଣ ସାହୁ, ତ୍ରିପୁର ବିଶାଳ, ପ୍ରଶାନ୍ତ ବିଶାଳ, ନୀର ସାହୁ, ହେମନ୍ତ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଗାନ୍ଧିଜୀଙ୍କ ସ୍ମୃତି ଚାରଣ କରିଥିଲେ। ଆସନ୍ତା ୬ ତାରିଖରେ ତ୍ରିବେଣୀ ଛକ ଆମ୍ବ ତୋଟାରେ ସ୍ମୃତି ଚାରଣ ସଭା କରାଯିବ ଓ ଏଥିରେ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ଅଙ୍ଗଦ ଦେହୁରୀ, ଦୁର୍ଗା ଚରଣ ସାହୁ, କୁମୁଦ ଚନ୍ଦ୍ର ସାହୁ, ଧନେଶ୍ୱର ବିଶାଳ, ଲିପୁ ବିଶ୍ୱାଳ, ସାର୍ଥକ ଦେହୁରୀ, ସପ୍ନେଶ୍ୱର ସାହୁ, ବିକାଶ ଦେହୁରୀ, ସର୍ବେଶ୍ୱର ବାରିକ, ପ୍ରଭାତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅରୁଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବକାରୀ ଚଢ଼ାଉ, ୫ ଗିରଫ

**ବଣ୍ଡା, ୨।୫ (ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଓ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳରେ ସୋମବାର ବଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୫ ଜଣଙ୍କୁ ଗିରଫ କରାଯାଇଛି। ପାର୍ବତୀପୁର ଗ୍ରାମର ନିରାକାର ମାଝିଙ୍କ ଘରୁ ୨୫ ଲିଟର, ଶରଧାମୁଣ୍ଡା ଗ୍ରାମରେ ଚଢ଼ାଉ କରି ସୁନୀଲ ପ୍ରଧାନଙ୍କ ଘରୁ ୩୨ ଲିଟର, ପାର୍ବତୀ ପ୍ରଧାନ, ସୋଲଣ୍ଡା ଗ୍ରାମର ଛବିନ୍ଦ୍ର ସେଠୀଙ୍କ ଘରୁ ୩୫ ଲିଟର, ଠାକୁରଗଡ଼ ଥାନା ବରପାଲି ଗ୍ରାମର ଶ୍ରୀବତ୍ସ ପ୍ରଧାନଙ୍କ ଘରୁ ୨୨ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଣ୍ଡା ଅବକାରୀ ବିଭାଗ ଅଧିକାରୀ ରଞ୍ଜିତା ହରିଚନ୍ଦନ, ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।

# ୨୫ରେ ଜିଲା କ୍ରୀଡ଼ା ସଂସଦ ନିର୍ବାଚନ


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୨।୫**

ଆସନ୍ତା ୨୫ ତାରିଖରେ ଅନୁଗୋଳ ଜିଲା କ୍ରୀଡ଼ା ସଂସଦର ନିର୍ବାଚନ ହେବ। ଏ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ତାଙ୍କ ପ୍ରକୋଷ୍ଠରେ ଜରୁରିକାଳୀନ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ କ୍ରୀଡ଼ା ସଂସଦ ଉପ ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଥିବା ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ସୂଚନା ଦେଇଛି। ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଏକ ଆଡହକ କମିଟି କ୍ରୀଡ଼ା ସଂସଦର ଦାୟିତ୍ୱ ତୁଲାଇବ। ଏଥିସହ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ନିର୍ବାଚନ କରାଇବା ପାଇଁ ଦାୟିତ୍ୱ ପ୍ରଦାନ କରାଯିବ। ତାଳଚେର, ଆଠମଲ୍ଲିକ ଓ ପାଲଲହଡ଼ା ଉପଖଣ୍ଡରୁ ନାମ ଜିଲା ପ୍ରଶାସନର ହସ୍ତଗତ ହୋଇସାରଥିବା ବେଳେ ଅନୁଗୋଳ ଉପଖଣ୍ଡରୁ ୪ ଜଣଙ୍କ ନାମ ଆସନ୍ତା ୫ ତାରିଖ ମଧ୍ୟରେ ଜିଲାପାଳଙ୍କ ନିକଟକୁ ପଠାଇବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅନୁଗୋଳ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ ପ୍ରଧାନ, ଅନୁଗୋଳ ଉପଜିଲାପାଳ ବଇଦୁରା ଦୀପ, ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କ ସହ ଜିଲା କ୍ରୀଡ଼ା ସଂଘର ପୂର୍ବତନ କର୍ମକର୍ତ୍ତା ଓ ପଦାଧିକାରୀ ଉପସ୍ଥିତ ଥିଲେ।

# ଚିକିତ୍ସା ଭତ୍ତା ଯୋଗାଇ ଦିଆଯାଉ

**ଆଠମଲ୍ଲିକ, ୨।୫ (ଡି.ଏନ.ଏ.)**

ଆଠମଲ୍ଲିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ସୌଭାଗ୍ୟ ବେହେରାଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ବିବେକାନନ୍ଦ ଭୁକ୍ତା, ସମ୍ପାଦକ ବିପିନ ବିହାରୀ ସାହୁଙ୍କ ନେତୃତ୍ୱରେ ଚିତ୍ତରଞ୍ଜନ ପ୍ରଧାନ, ରାଜେନ୍ଦ୍ର ବିଶ୍ୱାଳ, ଶୁଭ୍ରାଂଶୁ ପ୍ରଧାନ, ଗଣେଶ୍ୱର ପ୍ରଧାନ, ଜୟନନ୍ଦ ପ୍ରଧାନ, ପୀତବାସ ପ୍ରଧାନ, ଦେବରାଜ ନାୟକ ଓ କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ମିଶ୍ର ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା ଯୋଗାଇଦେବା, ଉଚ୍ଛେଦ ହୋଇଥିବା ପେନସନ ବିଭାଗ ଓ ପ୍ରଶାସନିକ ଟ୍ରିବୁନାଲ ପୁନଃ ସ୍ଥାପନ, ବ୍ୟାଙ୍କ ସୁଧରେ ପେନସନ ଭୋଗୀଙ୍କୁ ରିହାତି ପ୍ରଦାନ, ସପ୍ତମ ବେତନ ସୁପାରିଶ ଅନୁସାରେ ସର୍ବନିମ୍ନ ୯ ହଜାର ଟଙ୍କା ପେନସନ ଓ ବାକିଆଥିବା ମହଙ୍ଗା ଭତ୍ତା ପ୍ରଦାନ, ନୂତନ ପେନସନ ସ୍କିମ ବାତିଲକରି ପୁରୁଣା ଯୋଜନାକୁ ଲାଗୁ କରିବା, ରେଳଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ମିଳୁଥିବା ରିହାତିର ପୁନଃ ପ୍ରଚଳନ ଆଦି ଦାବି ଦାବିପତ୍ରରେ ଉଲ୍ଲେଖ ଥିବା ଜଣାପଡିଛି।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଶ୍ରମିକଙ୍କ ଚିକିତ୍ସାର ସୁବ୍ୟବସ୍ଥା ଦାବି

**ତାଳଚେର, ୨।୫ (ଡି.ଏନ.ଏ.)**

ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନ୍‌ଟିପିସି) ପକ୍ଷରୁ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନ୍‌ଟିପିସି କଣିହାଁରେ ଇଏସ୍ଆଇ ଚିକିତ୍ସା ଓ ରେଫରର ସୁବ୍ୟବସ୍ଥା କରିବା, ଅନୁଗୋଳ ବଳରାମ ପ୍ରସାଦଠାରେ ପ୍ରତିଷ୍ଠିତ ଇଏସ୍ଆଇ ହସ୍ପିଟାଲରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର, ଫାର୍ମାସିଷ୍ଟ, ପାରାମେଡିକାଲ ଷ୍ଟାଫ ନିଯୁକ୍ତି, ତାଳଚେର ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିବା, ଠିକା ଶ୍ରମିକଙ୍କ ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା କରିବା ଆଦି ଦାବିରେ ୫୦୦ରୁ ଅଧିକ ଠିକା ଶ୍ରମିକ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ୟୁନିୟନ ସଭାପତି କମ୍ରେଡ ଜୟସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ କହିଲେ ଯେ, ରାଜ୍ୟ ସରକାର କଣିହାଁ ଠାରେ ଇଏସ୍ଆଇ ଡିସ୍ପେନସାରି ଖୋଲିଥିଲେ ହେଁ ଏଠାରେ ଡାକ୍ତର ନାହାନ୍ତି। ପାଥୋଲାବ, ବେଡ୍ ନାହିଁ କି ରେଫର କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏହା ସବୁଦିନେ ଖୋଲାଯାଏ ନାହିଁ। ଏଠାରୁ ରୋଗୀଙ୍କୁ ରେଫର କରିବା ପାଇଁ ନାଲ୍‌କୋ, ବଅଁରପାଳକୁ ବାରମ୍ବାର ଦୌଡିବାକୁ ପଡୁଛି। ବଳରାମପ୍ରସାଦ ଠାରେ ଇଏସ୍ଆଇ ହସ୍ପିଟାଲ କୋଠା ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଚିକିତ୍ସାର ସୁବ୍ୟବସ୍ଥା ନାହିଁ। ୟୁନିୟନ ଯୁଗ୍ମ ସମ୍ପାଦକ ଚୁନା ନାଏକ କହିଥିଲେ, ଏନ୍‌ଟିପିସି କଣିହାଁର ଠିକା ଶ୍ରମିକମାନେ ଶିଳ୍ପ ଶ୍ରମିକ ହୋଇଥିଲେ ମଧ୍ୟ ସେମାନଙ୍କୁ ସାଧାରଣ ଶ୍ରମିକ ଭଳି ପରିଗଣିତ କରାଯାଉଛି। ଉପସଭାପତି ଭିକାରୀ ପ୍ରଧାନ ସମାନ କାମକୁ ସମାନ ମଜୁରି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ ପ୍ରଚଳିତ ପୁଞ୍ଜିବାଦୀ ବ୍ୟବସ୍ଥାକୁ ନ ହଟାଇଲେ ଶ୍ରମିକ ଶ୍ରେଣୀର ମୁକ୍ତି ଆସିବ ନାହିଁ ବୋଲି କହିଥିଲେ। ଏହି ବିକ୍ଷୋଭ ସମାବେଶରେ ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ପଦ୍ମ ଚରଣ ସାମଲ, କେଶବ ଭୂତିଆ, ବିନୋଦ ଲାଲ, ୟୁନିୟନ କାର୍ଯ୍ୟକାରୀ କମିଟି ସଦସ୍ୟ ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ, ନୀଳାମ୍ବର ତିରିଆ, ଦୁଃଶାସନ ବେହେରା, ଶଙ୍କର ମାରାଣ୍ଡି ପ୍ରମୁଖ ସାମିଲ ଥିଲେ। ପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଭାପତି ଜୟସେନ ମେହେର ମଜୁରି ବୃଦ୍ଧି ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ।



ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନ୍‌ଟିପିସି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ମନୋରଞ୍ଜନ ଇଫୁନା ଉପସଭାପତି

ଢେଙ୍କାନାଳ ଅଫିସ, ୨।୫

ଇଣ୍ଡିଆନ ଫେଡେରେଶନ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏଶନ (ଇଫୁନା)ର କର୍ମକର୍ତ୍ତା ନିର୍ବାଚନ ଦିଲ୍ଲୀସ୍ଥିତ ଇଫୁନା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗତ ୨୯ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ ସଭାପତି ତଥା ଢେଙ୍କାନାଳର ବରିଷ୍ଠ



ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଜାତୀୟ ଉପସଭାପତି ଏବଂ ଡ. ଦୀପାୟନ ପଟ୍ଟନାୟକ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଇଫୁନାର ମହାସଚିବ ଭାବେ ସୁରେଶ ଶ୍ରୀବାସ୍ତବ ନିର୍ବାଚିତ ହୋଇଛନ୍ତି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ଅତିଥିମାନେ ସ୍ମରଣିକା 'ବୈଶାଖୀ'ର ଉନ୍ମୋଚନ କରୁଛନ୍ତି।


ଅଭିନେତା ପପୁ ପମ୍‌ପମ୍।

ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ

# 'ଲୋକକଳାର ପ୍ରସାର ପାଇଁ ଉଦ୍ୟମ ହେଉ'

ଢେଙ୍କାନାଳ ଅଫିସ, ୨।୫

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ 'ଗୁଡ୍‌ନାଇଟ୍ କ୍ଲବ' ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ସପ୍ତମ ବାର୍ଷିକ ମହୋତ୍ସବ 'ବୈଶାଖୀ'। ଏମ୍‌ପି ମହେଶ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ପ୍ରଚଣ୍ଡ ରୌଦ୍ରତାପ ସମୟରେ କଷ୍ଟଲାଘବ ପାଇଁ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ। ମୁଖ୍ୟ ଅତିଥି ବିଧାୟକ ସୁଧୀର କୁମାର ସାମଲ କହିଲେ, ଢେଙ୍କାନାଳ କଳାସଂସ୍କୃତିର ମାଟି। ଜିଲାର ପ୍ରସିଦ୍ଧ ଲୋକକଳାର ପ୍ରଚାରପ୍ରସାର ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ୍। ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ଖ୍ୟାତସମ୍ପନ୍ନ ଚଳଚ୍ଚିତ୍ର ପ୍ରଯୋଜକ ଦୀପକ ମିଶ୍ର, ସଦର ବିଡିଓ ସୁଧୀର କୁମାର ନାୟକ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ପ୍ରସାଦ ରଥ ପ୍ରମୁଖ ଯୋଗଦେଇ ଢେଙ୍କାନାଳରେ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ଲୋକାଭିମୁଖୀ କରିବା ଲାଗି ଅନୁଷ୍ଠାନଗୁଡ଼ିକ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା 'ବୈଶାଖୀ' ଉନ୍ମୋଚିତ ହୋଇଥିଲା। ବରିଷ୍ଠ ଚିକିତ୍ସକ ଡା. ଏସ୍.କେ. କଲିମୁଲ୍ଲା, କଣ୍ଠଶିଳ୍ପୀ ସୁଧାକର ମିଶ୍ର, ଯୁବ ଉଦ୍ୟୋଗୀ ରାଜେଶ ସୋନୀ, ସୁଶାନ୍ତ କୁମାର ସାହୁ, ସାମାଜିକ କର୍ମୀ ଡ. ସୁରେଶ ଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ହାସ୍ୟାଭିନେତା ପପୁ ପମ୍‌ପମ୍ ଦର୍ଶକଙ୍କୁ ହସାଇ ହସାଇ ବେଦମ୍ କରିଥିଲେ। ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଲକ୍ଷ୍ମୀକାନ୍ତ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ବିଶ୍ୱନାଥ ବେହେରା ବିବରଣୀ ପାଠ କରିଥିବାବେଳେ ଆବାହକ ସତ୍ୟସ୍ୱରୂପ ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଥୟ କୁମାର ସାହୁ, ଅରବିନ୍ଦ ସାହୁ, ଦେବାଶିଷ ମିଶ୍ର, ଅମ୍ବିକା ପ୍ରସାଦ ପଟ୍ଟନାୟକ, ରୁଦ୍ରନାରାୟଣ ତ୍ରିପାଠୀ, ଗଙ୍ଗାଧର ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବିନୋଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଆଇଜିଆଇଟିରେ ଛାତ୍ର ଅଶାନ୍ତି

ପରଜଙ୍ଗ, ୨।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ପ୍ରତିଷ୍ଠାନ (ଆଇଜିଆଇଟି)ରେ ଛାତ୍ର ଅଶାନ୍ତି ଦେଖାଦେଇଛି। ରବିବାର ରାତିରେ ବି-ଟେକ୍ ତୃତୀୟ ଏବଂ ଚତୁର୍ଥ ବର୍ଷର କେତେଜଣ ଛାତ୍ର ମୁହାଁମୁହିଁ ହୋଇଥିଲେ। ଏଥିରେ ଚତୁର୍ଥ ବର୍ଷର କେତେଜଣ ଛାତ୍ର ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଫାଣ୍ଡିରେ ଏତଲା ଦେବାପରେ ତୃତୀୟ ବର୍ଷର ୪ଜଣ ଛାତ୍ରଙ୍କ ନାମରେ ମାମଲା ରୁଜୁ ହୋଇଛି। ଘଟଣା ପରେ ଅଭିଯୁକ୍ତ ଛାତ୍ରମାନେ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣା ଉପରେ ନଜର ରଖିଥିବା ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଆଇଜିଆଇଟିରେ ଏଭଳି ଗଣ୍ଡଗୋଳ ସାଧାରଣ ହୋଇଗଲାଣି। ପ୍ରେମ ବ୍ୟାପାର, ରାଗିଂ ଏବଂ ଅଣଛାତ୍ରଙ୍କ ପ୍ରବେଶକୁ ନେଇ କ୍ୟାମ୍ପସ ପରିସର ଅଧିକାଂଶ ସମୟରେ ଅଶାନ୍ତ ହୋଇଉଠୁଛି। ଏହାଦ୍ୱାରା ପାଠପଢ଼ା ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## 'ସକାରାତ୍ମକ ଚିନ୍ତାଧାରା ଶାନ୍ତି ଆଣେ'


ସ୍ନେହମିଳନ କାର୍ଯ୍ୟକ୍ରମରେ କେକ୍ କଟାଯାଉଛି।

ଢେଙ୍କାନାଳ ଅଫିସ, ୨।୫

ଢେଙ୍କାନାଳ ସହର ଟାଉନ ପ୍ଲାନିଂସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗୀତା ପାଠଶାଳାଠାରେ ସୋମବାର ଈଶ୍ୱରୀୟ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାରାତ୍ମକ ଚିନ୍ତାଧାରା ଓ ଆଧ୍ୟାତ୍ମିକ ଚିନ୍ତନ ଜୀବନରେ ଶାନ୍ତି ଆଣିଥାଏ। ବୃତ୍ତିଗତ ହେଉ କି ଅନ୍ୟକ୍ଷେତ୍ର, ସବୁଠି ସକାରାତ୍ମକ ପରିବେଶ ଜରୁରୀ ବୋଲି ବକ୍ତାମାନେ ମତ ରଖିଥିଲେ। ଅନୁଷ୍ଠାନର ମୁଖ୍ୟ ସଞ୍ଚାଳିକା ବି.କେ. ଉଷା, ବିଶ୍ୱେଶ୍ୱର, ଝରଣା, ସୁକାନ୍ତି, ସୀମା, ବେଣୁଧର ପରିଚାଳନାରେ ସହାୟତା କରିଥିଲେ। ଶେଷରେ ପାଠଶାଳାର ୧୧ତମ ବାର୍ଷିକ ଉତ୍ସବ ଉପଲକ୍ଷେ କେକ୍ କଟାଯାଇଥିଲା।

## ଯୋଗ୍ୟ ଚାଷୀ ପାଇବେ କୃଷି ଋଣ

ଢେଙ୍କାନାଳ ଅଫିସ, ୨।୫

**ଜିଲାସ୍ତରୀୟ ବଳରାମ ମାସ ପ୍ରସ୍ତୁତି ବୈଠକ**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ବଳରାମ ମାସ ସଂକ୍ରାନ୍ତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେ' ମାସକୁ ବଳରାମ ମାସ ଭାବେ ବ୍ଲକସ୍ତରରେ ପାଳନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଋଣ ଆଦାୟ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଯୋଗ୍ୟ ଚାଷୀଙ୍କୁ ଋଣ ଦିଆଯିବ। ମେଳା ମାଧ୍ୟମରେ ଉଭୟ କାର୍ଯ୍ୟକ୍ରମ ଆୟୋଜିତ ହେବ।

ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ ଚାଷୀଙ୍କୁ ଉତ୍ସାହିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବ୍ୟାଙ୍କ, ସମବାୟ ସମିତି, କୃଷି ଅଧିକାରୀମାନେ ଗୋଷ୍ଠୀ କୃଷି ଅଧିକାରୀଙ୍କ ସହ ଆଲୋଚନା କରି ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସମସ୍ତଙ୍କ ମିଳିତ ଉଦ୍ୟମରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ମୁଖ୍ୟ ଜିଲା କୃଷି ଅଧିକାରୀ ଶରତ କୁମାର ତୋଷଙ୍କ ସମେତ କୃଷି, ଉଦ୍ୟାନ କୃଷି, ବ୍ୟାଙ୍କ, ସମବାୟ ସମିତିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

## 'ପାଟରା ସମାଜ ଗୌରବ ଅକ୍ଷୁଣ୍ଣ ରଖ'



ଭୁବନ, ୨।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ଛତାମଠ ପରିସରରେ ସୋମବାର ନିଖିଳ ଉତ୍କଳ ପାଟରା ସମାଜ ଓଳାସ ଚକଲାର ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ମଦନମୋହନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ସୁପ୍ରିୟା ଦାସ ଯୋଗଦେଇ ପାଟରା ସମାଜର ଗୌରବ ଅକ୍ଷୁଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସହସମ୍ପାଦକ ପୀତବାସ ନାୟକ, ସମୀକ୍ଷକ ଧ୍ରୁବଚରଣ ପାତ୍ର, ଖ୍ୟାତିସମ୍ପନ୍ନ ପର୍ବତଆରୋହୀ ବୀଣାପାଣି ପାତ୍ର, ସମ୍ପାଦକ ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ପାଟରାଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଜାତିର ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇବା, ଏକ ୱେବ୍‌ସାଇଟ୍ ପ୍ରଚଳନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୯ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ସହକାରୀ ଭେଷଜ ନିୟନ୍ତ୍ରକ ସୁଶାନ୍ତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନ ପାଟରା ସମିତି ସଭାପତି ଅରୁଣ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସାମୂହିକ ଆଚାର୍ଯ୍ୟ କର୍ମଶାଳା

କାମାକ୍ଷାନଗର, ୨।୫(ଡି.ଏନ୍.ଏ.)

କାମାକ୍ଷାନଗର ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନ, ମାର୍ଥାପୁର, କଙ୍କଡ଼ାହାଡ଼, ଶୀତଳବସା, ଡୁମୁସିଂହା, ମୁକ୍ତାପଶି, କାମାକ୍ଷାନଗର, କୁନିନ୍ଦା, ସମାଟାଙ୍ଗୀରୁ ୧୦୯ ଆଚାର୍ଯ୍ୟାଆଚାର୍ଯ୍ୟ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ଜିଲା ପ୍ରମୁଖ ନିର୍ମଳ ସେନାପତି, ଶଶିକାନ୍ତ ଦାସ, ସଂଯୋଜକ ଗୌରଚନ୍ଦ୍ର ନନ୍ଦ ଉପସ୍ଥିତ ରହି ଜାତୀୟ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ଶ୍ରେଣୀଗୃହରେ ବ୍ୟାଗ୍ ବିହୀନ ପାଠପଢ଼ା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉପଖଣ୍ଡ କାରାଗାର ଅଧିକାରୀ ସନ୍ତୋଷ କୁମାର, ଏବିଇଓ ଅମ୍ବିକା ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବୈଦ୍ୟଶ୍ରୀ ସର୍ବେଶ୍ୱର ପାତ୍ର, ଗୋପାଳ ସାହୁ, ଶିକ୍ଷକ ସନାତନ ପଟ୍ଟନାୟକ, କୋଷାଧ୍ୟକ୍ଷ ମଗୁଲୁ ଚରଣ ସିଂ, ଢେଙ୍କାନାଳ ବିଭାଗ ନିରୀକ୍ଷକ ସୁଶାନ୍ତ ପାଣିଗ୍ରାହୀ, ପୂର୍ବତନ ସଭାପତି ସନତ ମିଶ୍ର, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ସାହୁ ପ୍ରମୁଖ ବିଭିନ୍ନ ଦିବସରେ ଯୋଗଦେଇ ମାର୍ଗଦର୍ଶନ କରାଇଥିଲେ। ସମ୍ପାଦକ ଶ୍ରୀକାନ୍ତ ସ୍ୱାଇଁ, ଆଚାର୍ଯ୍ୟ ବିନୋଦିନୀ କର, ସବିତା ପଟ୍ଟନାୟକ, ବବିତାରାଣୀ ନନ୍ଦ, ପ୍ୟାରୀମୋହନ ଦାସ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିମାନେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

ଢେଙ୍କାନାଳ ଅଫିସ, ୨।୫

ଢେଙ୍କାନାଳ ସହର ଉପକଣ୍ଠ ବାଉଁଶପାଟଣାରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ମଙ୍ଗଳବାର ଟାଉନ ଥାନା ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ନିଗମ ମଲ୍ଲିକ (୨୪), ଦୀପକ ମଲ୍ଲିକ (୩୮), ଗଣେଶ୍ୱର ମଲ୍ଲିକ (୩୫)। ଘଟଣାସ୍ଥଳରୁ ତାସ, ୧୧ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ନଂ. ୨୮୮/୨୩ରେ ଏକ ମାମଲା ରୁଜୁ ହୋଇଛି। ବାଉଁଶପାଟଣାରେ ଜୁଆ ଖେଳ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ପୋଲିସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା।


ଗିରଫ ଅଭିଯୁକ୍ତମାନେ।

## ହାତୀ ଆକ୍ରମଣରେ ମୃତଙ୍କ ପରିବାରକୁ ସହାୟତା ଦାବି

ଢେଙ୍କାନାଳ ଅଫିସ, ୨।୫

ଢେଙ୍କାନାଳ ସଦର ଥାନା କୁରୁମଟାଙ୍ଗର ଗ୍ରାମର ଶ୍ରୀକାନ୍ତ ପରିଡ଼ା (୪୯)ଙ୍କ ଗତ ଏପ୍ରିଲ ୨୯ ରାତିରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଘରର ରୋଜଗାରିଆ ବ୍ୟକ୍ତିଙ୍କ ଏଭଳି ଅକାଳ ମୃତ୍ୟୁରେ ପରିବାର ସଦସ୍ୟ ଅସହାୟ ହୋଇପଡ଼ିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିବା ଦାବିରେ ମଙ୍ଗଳବାର ଶ୍ରୀକାନ୍ତଙ୍କ ସ୍ତ୍ରୀ, ଦୁଇ କନ୍ୟା ଗ୍ରାମବାସୀଙ୍କ ସହ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଶ୍ରୀକାନ୍ତଙ୍କ ସ୍ତ୍ରୀ ଏବଂ ଦୁଇଜଣ କନ୍ୟା ସନ୍ତାନ ଅଛନ୍ତି। ଘର ମୁରବୀଙ୍କ ମୃତ୍ୟୁ ପରେ ୩ ପ୍ରାଣୀ କିପରି ଚଳିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ତେଣୁ ପ୍ରଶାସନ ସମ୍ପୃକ୍ତ ପରିବାରକୁ ଆବାସ ଯୋଜନାରେ ଗୃହ ଓ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗ୍ରାମର ପ୍ରସନ୍ନ ଖଟୁଆ, ରାଜୀବ ଲୋଚନ ମିଶ୍ର, ରାକେଶ ପ୍ରଧାନ, ଈଶ୍ୱର ପରିଡ଼ା, ଅମୂଲ୍ୟ ପରିଡ଼ା ପ୍ରମୁଖ ଦାବି କରିଛନ୍ତି। ଅଭିଯୋଗ ଶୁଣିବା ପରେ ଜିଲାପାଳ ତୁରନ୍ତ ରେଡ୍‌କ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ଯୋଗାଇଦେଇଛନ୍ତି। ଏଥିସହ ବିଜୁ ପକ୍କାଘର ଯୋଜନାରେ ସାମିଲ କରିବା, ଦୁଇ ସନ୍ତାନଙ୍କ ପାଠପଢ଼ା ପାଇଁ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଘଟଣା ଦିନ ଶ୍ରୀକାନ୍ତ ପୋଖରୀ ହୁଡାରେ ଧାନ ଜଗିଥିବାବେଳେ ଏକ ଦନ୍ତା ତାଙ୍କୁ ଦଳି ଦେଇଥିଲା।


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ମୃତ ଶ୍ରୀକାନ୍ତଙ୍କ ପରିବାର ଓ ଗ୍ରାମବାସୀ।

## 'ବିକାଶରେ ଶ୍ରମିକଙ୍କ ଅବଦାନ ଅତୁଳନୀୟ'

ଢେଙ୍କାନାଳ ଅଫିସ, ୨।୫

**ଅନ୍ତର୍ଜାତୀୟ ଶ୍ରମିକ ଦିବସ**

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇ କହିଲେ, ଦେଶ ବିକାଶରେ ଶ୍ରମିକଙ୍କ ଅବଦାନ ଅତୁଳନୀୟ। ସରକାରଙ୍କ ଯୋଜନା ପ୍ରକୃତ ଶ୍ରମିକଙ୍କ ନିକଟରେ ପହଞ୍ଚି ପାରିଲେ ଜିଲାର ବିକାଶ ହୋଇପାରିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରାରମ୍ଭିକ ଅଭିଭାଷଣରେ କହିଲେ, ନିର୍ମାଣ ଶ୍ରମିକ, ଅଣସଙ୍ଗଠିତ ଶ୍ରମିକମାନେ ସରକାରୀ ନିୟମ ଅନୁଯାୟୀ ନାମ ପଞ୍ଜୀକରଣ କରିବା ସହ ସରକାରୀ ଯୋଜନାର ଲାଭ ନେବା ଜରୁରୀ। ଯୁବତୀଙ୍କୁ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ତାଲିମ ପ୍ରଦାନ କରିବା ଦ୍ୱାରା ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ବାଲ୍ୟବିବାହ ଭଳି କୁତ୍ସିତ ପ୍ରଥାକୁ ହଟାଇବା ଲାଗି ସବୁସ୍ତରରେ ଉଦ୍ୟମ କରିବାକୁ ଶ୍ରମ ଅଧିକାରୀ ପରାମର୍ଶ ଦେଇଥିଲେ।

ଜିଲାପାଳ ସେଠୀ କହିଲେ, ନିର୍ମାଣ ଶ୍ରମିକଙ୍କ ସନ୍ତାନଙ୍କୁ ଶିକ୍ଷାଦାନ ପାଇଁ ସରକାରଙ୍କ ସ୍ୱତନ୍ତ୍ର ଯୋଜନା ରହିଛି। ଝିଅ ବିବାହ ପାଇଁ ୫୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଆର୍ଥିକ ଅନଗ୍ରସର ପରିବାରର ପିଲାଙ୍କୁ ଆଇଟିଆଇ, ପଲିଟେକନିକରେ ନାମ ଲେଖାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଖର୍ଚ୍ଚ ବହନ କରାଯିବ। 'ସମ୍ଭବ' କାର୍ଯ୍ୟକ୍ରମ ମାଧ୍ୟମରେ ବ୍ଲକସ୍ତରରେ ଶିଶୁ ଶ୍ରମିକ ଓ ବାଲ୍ୟବିବାହର ଭୟାବହତା ସମ୍ପର୍କରେ ସଚେତନ କରାଇବା ଲାଗି ପଦକ୍ଷେପ ନିଆଯାଉଥିବା ଜିଲାପାଳ ସୂଚନା ଦେଇଛନ୍ତି।

ଏହି ଅବସରରେ ଜିଲାର ୪୮୪ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଯୋଜନାରେ ୩ କୋଟି ୬ ଲକ୍ଷ ୪୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ୩୧୦ଜଣ ନିର୍ମାଣ ଶ୍ରମିକ ଏବଂ ୩୦ ଅଣସଙ୍ଗଠିତ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଳେଇ, ରଶ୍ମିରଞ୍ଜନ ବରାଳ, ହଳଧର ବରାଳଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ୟୁନିସେଫ୍ ଜିଲା ସଂଯୋଜିକା ଅଙ୍ଗୁର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାନେତ୍ରୀ, ଜିଲାପାଳଙ୍କ ସମେତ ଅନ୍ୟମାନେ।

